# NATIONAL NEWS BULLETIN (ODIA)

**31 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଲାଗି ୩ କୋଟିରୁ ଅଧିକ ପଞ୍ଜୀକରଣ ସୂଚନା
- ଆତ୍ମନିର୍ଭର ରେଳ ପ୍ରଯୁକ୍ତି ବିଦ୍ୟାର ସଫଳ ପରୀକ୍ଷଣ ସ୍ୱରୂପ ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌ର ପରୀକ୍ଷା ସଫଳ
- ଅଯୋଧ୍ୟାର ରାମ ମନ୍ଦିର ପରିସରରେ ଥିବା ଅନ୍ନପୂର୍ଣ୍ଣା ମନ୍ଦିରରେ ପତାକା ଉତ୍ତୋଳନ କଲେ ପ୍ରତିରକ୍ଷାମନ୍ତ୍ରୀ
- ପଞ୍ଜାବରେ ମନରେଗା ସମେତ ବିଭିନ୍ନ ଯୋଜନାରେ ଦୁର୍ନୀତି ହୋଇଥିବା କହିଛନ୍ତି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ

ଏବଂ

- ଉତ୍ତର ଭାରତରେ ପ୍ରବଳ କୁହୁଡ଼ି ଯୋଗୁ ରେଳ ଚଳାଚଳ ଓ ବିମାନ ଉଡ଼ାଣ ବାଧାପ୍ରାପ୍ତ

## ପରୀକ୍ଷାପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ନୂଆ ମାଇଲ୍‌ଖୁଣ୍ଟ ସ୍ଥାପନ କରିଛି । ଗତକାଲି ସୁଦ୍ଧା ଏଥିଲାଗି ୩ କୋଟିରୁ ଅଧିକ ପଞ୍ଜୀକରଣ ହୋଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ' ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକ

ଶିକ୍ଷୟିତ୍ରୀମାନଙ୍କ ଯୋଗଦାନ ଫଳରେ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି । ଏହା ଲୋକପ୍ରିୟତା ହାସଲ କରିବା ସହ ଛାତ୍ରଛାତ୍ରୀଙ୍କ ଯୋଗଦାନ ବୃଦ୍ଧି ପାଇବାରେ ଲାଗିଛି । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଧ୍ୟାନ କେନ୍ଦ୍ରିତ କରିବା ସହ ସେମାନଙ୍କ ମଧ୍ୟରେ ପରୀକ୍ଷା ପ୍ରତି ଏକ ସକାରାତ୍ମକ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରିଥାନ୍ତି ।

---

## ରେଳୱେ-ବନ୍ଦେ ଭାରତ ସ୍ଲିପର

ଭାରତୀୟ ରେଳବାଇ ସଫଳତାର ସହ ସ୍ୱଦେଶୀ ନିର୍ମିତ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍‌ର ପରୀକ୍ଷଣ କରିଛି । ସଂପୃକ୍ତ ଟ୍ରେନ୍‌ଟି କୋଟା-ନଗଡ଼ା ସେକ୍ସନ ମଧ୍ୟରେ ଘଣ୍ଟା ପ୍ରତି ୧୮୦ କିଲୋମିଟର ବେଗରେ ଗତିକରିଥିଲା । ଆତ୍ମନିର୍ଭର ରେଳ ପ୍ରଯୁକ୍ତିବିଦ୍ୟାର ଏହା ସଫଳ ପରୀକ୍ଷଣ ବୋଲି କୁହାଯାଇଛି ।

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍‌ର ପରୀକ୍ଷଣ ସମୟର ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ଅପ୍‌ଲୋଡ କରିଛନ୍ତି । ଏହି ଭିଡ଼ିଓରେ ଦ୍ରୁତଗତିରେ ଯାଉଥିବା ବନ୍ଦେଭାରତ ସ୍ଲିପର୍ ଟ୍ରେନ୍‌ରେ ଏକ ପାଣି ଗ୍ଲାସ୍ ସ୍ଥିର ରହିଥିବା ଦେଖାଯାଉଛି । ଏହି ପରୀକ୍ଷା ନୂତନ ପିଢ଼ି ଟ୍ରେନ୍‌ର ପ୍ରଯୁକ୍ତିବିଦ୍ୟା ବୈଶିଷ୍ଟ୍ୟ ପ୍ରତିପାଦନ କରୁଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ଆମ ସମ୍ବାଦଦାତା ଜଣାଇଛନ୍ତି,ଆତ୍ମନିର୍ଭର ଭାରତ ଅଭିଯାନ ଅଧୀନରେ ଭାରତୀୟ ରେଳବାଇର ଯାତ୍ରୀଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ସହ ଆଧୁନିକ ପ୍ରଯୁକ୍ତିବିଦ୍ୟାର ସଫଳ ବ୍ୟବହାରକୁ ଦର୍ଶାଉଛି ।

---

# ମୁରୁଗାନ-କ୍ୟାଲେଣ୍ଡର

କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ କହିଛନ୍ତି ୨୦୨୬ ବର୍ଷର କ୍ୟାଲେଣ୍ଡରରେ ସରକାରଙ୍କ ଐତିହାସିକ ସଂସ୍କାର ଏବଂ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ପୂରଣ ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡ଼ିକ ବିଷୟ ରହିଛି । ନୂଆଦିଲ୍ଲୀରେ ଆଜି ଭାରତ ସରକାରଙ୍କ ୨୦୨୬ ମସିହାର କ୍ୟାଲେଣ୍ଡର ଉନ୍ମୋଚନ କରି ଡକ୍ଟର ମୁରୁଗାନ କହିଛନ୍ତି, ଦେଶର ସମାବେଶୀ ଅଭିବୃଦ୍ଧି, ଦୃଢ଼ ଅର୍ଥନୈତିକ ବ୍ୟବସ୍ଥା ଏବଂ ଦୀର୍ଘକାଳୀନ ବିକାଶପଥର ଯାତ୍ରାକୁ ଏହି କ୍ୟାଲେଣ୍ଡରରେ ଦର୍ଶାଯାଇଛି ।

ଏହି ଅବସରରେ ସୂଚନା ଓ ପ୍ରସାରଣ ବିଭାଗ ସଚିବ ସଂଜୟ ଯାଜୁ କହିଛନ୍ତି, କ୍ୟାଲେଣ୍ଡରର ଡିଜାଇନ୍‌କୁ ଅତ୍ୟନ୍ତ ଯତ୍ନସହକାରେ କରାଯାଇଛି, ଯାହା ସରକାରଙ୍କ ଯୋଗାଯୋଗ ମାଧ୍ୟମକୁ ଅତ୍ୟନ୍ତ ସଫଳ ଢଙ୍ଗରେ ପରିପ୍ରକାଶ କରୁଛି ।

---

# ରାଜନାଥ-ପ୍ରାଣପ୍ରତିଷ୍ଠା

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଅଯୋଧ୍ୟାର ରାମମନ୍ଦିର ପରିସରରେ ଥିବା ଅନ୍ନପୂର୍ଣ୍ଣା ମନ୍ଦିରରେ ପତାକା ଉତ୍ତୋଳନ କରିଛନ୍ତି । ସେ ପ୍ରାଣପ୍ରତିଷ୍ଠାର ଦ୍ୱିତୀୟବାର୍ଷିକୀ ଅବସରରେ ପ୍ରାର୍ଥନାରେ ଯୋଗଦେଇଥିଲେ । ଶ୍ରୀ ସିଂଙ୍କ ସହିତ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଉପସ୍ଥିତ ଥିଲେ ।

ଅନ୍ନପୂର୍ଣ୍ଣା ମନ୍ଦିର ହେଉଛି ରାମମନ୍ଦିର ପରିସରରେ ଥିବା ୭ଟି ମନ୍ଦିର ମଧ୍ୟରୁ ଅନ୍ୟତମ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତମାସ ୨୫ ତାରିଖରେ ରାମ ମନ୍ଦିର ଉପରେ ଏକ ଗେରୁଆ ରଙ୍ଗର ଧ୍ୱଜା ଉତ୍ତୋଳନ କରିଥିଲେ । ସେହିଦିନ ମନ୍ଦିର ନିର୍ମାର କାର୍ଯ୍ୟର ଆନୁଷ୍ଠାନିକ ଭାବେ ସମାପ୍ତି ଘଟିଥିଲା । ଆଜି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂ ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ହନୁମାନଗଡ଼ି ମନ୍ଦିରରେ ପ୍ରାର୍ଥନା କରିଥିଲେ ।

---

## ପିଏମ୍-ଅର୍ଜୁନ ଏରିଗୈସି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୋହାରେ ଅନୁଷ୍ଠିତ ଫିଡେ ରାପିଡ୍ ଚେସ୍ ଚମ୍ପିୟାନ୍‌ସିପ୍‌ରେ କାଂସ୍ୟ ପଦକ ଜିତିଥିବାରୁ ଅର୍ଜୁନ ଏରିଗୈସି ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଯେ ତାଙ୍କର ଦକ୍ଷତା, ଧୈର୍ଯ୍ୟ ଏବଂ ଆଗ୍ରହ ଅନୁକରଣୀୟ । ତାଙ୍କ ସଫଳତା ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

---

## ସିବିଏସ୍‌ଇ-ଡେଟ୍‌ସ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ-ସିବିଏସ୍‌ଇ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ନିମନ୍ତେ ପରିବର୍ତ୍ତିତ ସୂଚୀ ଘୋଷଣା କରିଛି । ସୂଚନା ଅନୁଯାୟୀ, ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପୂର୍ବରୁ ଆସନ୍ତାବର୍ଷ ମାର୍ଚ୍ଚ ୩ ତାରିଖରେ ପରୀକ୍ଷା ହେବାକୁ ଥିବା ବେଳେ ଏବେ ଏହା ମାର୍ଚ୍ଚ ୧୧ ତାରିଖରୁ ଆରମ୍ଭ ହେବ । ସେହିପରି ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ପୂର୍ବ ନିର୍ଦ୍ଧାରିତ ମାର୍ଚ୍ଚ ୩ ତାରିଖ ପରିବର୍ତ୍ତେ ଏପ୍ରିଲ୍ ୧୦ ତାରିଖରୁ ହେବ । ପ୍ରଶାସନିକ କାରଣ ଯୋଗୁଁ ତାରିଖ ପରିବର୍ତ୍ତନ ହୋଇଥିବା ସିବିଏସ୍‌ଇ ଜଣାଇଛି ।

---

## ଶିବରାଜ-ପଞ୍ଜାବ କରପ୍ସନ

ମନରେଗା ସମେତ ବିଭିନ୍ନ ଯୋଜନାରେ ପଞ୍ଜାବରେ ବହୁମାତ୍ରାରେ ଦୁର୍ନୀତି ହୋଇଥିବା କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି । ଗତକାଲି ଭୋପାଳରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଚୌହାନ କହିଛନ୍ତି, ପ୍ରାୟ ୧୦ ହଜାର ୬୫୩ଟି ଦୁର୍ନୀତି ସଂପର୍କିତ ମାମଲା ଜଣାପଡ଼ିଥିଲେ ମଧ୍ୟ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରି ନାହାନ୍ତି । ମନରେଗା ଅଧୀନରେ ଅନିୟମିତ ଭାବେ ଖର୍ଚ୍ଚ କରାଯାଇଥିବା ବେଳେ ସେଥିରେ ନିୟୋଜିତ ଶ୍ରମିକମାନଙ୍କୁ ମଜୁରୀ ପ୍ରଦାନ କରାଯାଇନଥିବା ସେ ଅଭିଯୋଗ କରିଛନ୍ତି । ପଞ୍ଜାବର ୧୩ ହଜାର ୩୦୪ଟି ପଞ୍ଚାୟତ ମଧ୍ୟରୁ ୫ ହଜାର ୯୧୫ଟି ପଞ୍ଚାୟତରେ ହୋଇଥିବା ସାମାଜିକ ଅଡିଟ୍‌ରୁ ଏହି ଦୁର୍ନୀତି ସଂପର୍କରେ ଜଣାପଡ଼ିଥିବା ଶ୍ରୀ ଚୌହାନ କହିଛନ୍ତି ।

---

## ଇୟର୍ ଏଣ୍ଡ-ପ୍ରଡକସନ୍

ଚଳିତ ବର୍ଷ ଭାରତର ବିକାଶ ଯାତ୍ରାର ଏକ ନିର୍ଣ୍ଣାୟକ ଅଧ୍ୟାୟ ଭାବେ ଉଭା ହୋଇଛି । ବିଭିନ୍ନ ପଦକ୍ଷେପର ସକାରାତ୍ମକ ପ୍ରଭାବ ଅନୁଭୂତ ହୋଇଛି । ସ୍ୱତନ୍ତ୍ର ସିରିଜ୍ ସଂସ୍କାର ବର୍ଷରେ ଆଜି ଆସନ୍ତୁ ଜାଣିବା ଭାରତ କିପରି ବିଶ୍ୱର ନୂତନ ଉତ୍ପାଦ ଇଞ୍ଜିନ୍ ଭାବେ ଉଭା ହୋଇଛି ।

ଚଳିତ ବର୍ଷ ଭାରତର ଶିଳ୍ପ ଏବଂ ଅର୍ଥନୈତିକ କ୍ଷେତ୍ରରେ ୭ ଦଶମିକ୍ ୮ ପ୍ରତିଶତ ଅଭିବୃଦ୍ଧିର ସମ୍ଭାବନା ପରିବର୍ତ୍ତନଶୀଳ ପରିସ୍ଥିତିକୁ ପ୍ରମାଣିତ କରିଛି । ବର୍ଦ୍ଧିତ ବିଦେଶୀ ପ୍ରତ୍ୟକ୍ଷ ନିବେଶ ଏବଂ ବ୍ୟାପକ ଶିଳ୍ପ କ୍ଷମତା ଦ୍ୱାରା ଭାରତ ନିଜକୁ ବିଶ୍ୱସ୍ତରରେ ଏକ ଦୃତ ପ୍ରଗତୀଶିଳ ବଜାର ଏବଂ ପ୍ରମୁଖ ଉତ୍ପାଦନ କେନ୍ଦ୍ର ଭାବେ ପ୍ରମାଣିତ କରିଛି । ଦେଶର ପ୍ରଥମ

ଟେମ୍ପର୍ଡ୍ ଗ୍ଲାସ୍ ଉତ୍ପାଦନ ବ୍ୟବସ୍ଥା ଚଳିତ ବର୍ଷ ନଏଡ଼ାରେ ଉଦ୍‌ଘାଟିତ ହୋଇଛି । ୧୦୦ ଗିଗାୱାଟ୍ ସୌରଶକ୍ତି ଉତ୍ପାଦନ କ୍ଷମତାରେ ପହଞ୍ଚି ଭାରତ ଏ କ୍ଷେତ୍ରରେ ଏକ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ କରିଛି । ୨୦୧୪ରେ ରହିଥିବା ୨ ଦଶମିକ୍ ୩ ଗିଗାୱାଟ୍ ସୌରଶକ୍ତି ଉତ୍ପାଦନ ଚଳିତ ବର୍ଷ ୧୦୦ ଗିଗାୱାଟ୍‌ରେ ପହଞ୍ଚିଛି **।V/O**

ବିମାନ ଚଳାଚଳ କ୍ଷେତ୍ରରେ ଚଳିତ ବର୍ଷ ୨ ହଜାର ୨୦୦ ନୂତନ ବିମାନ ସାମିଲ କରାଯାଇଛି । ୨୦୩୦ ସୁଦ୍ଧା ବିମାନରେ ଯାତ୍ରୀ ସଂଖ୍ୟା ୬୩୦ ନିୟୁତରେ ପହଞ୍ଚିବାର ଆକଳନ କରାଯାଇଛି । ଦେଶର ଶିଳ୍ପ ଅଭିବୃଦ୍ଧି ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ସହିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି । ପରବର୍ତ୍ତି ପିଢ଼ି ଜି.ଏସ୍.ଟି. ସଂସ୍କାର ମାଧ୍ୟମରେ ଟିକସ ସ୍ତର ୫ ଏବଂ ୧୮ ପ୍ରତିଶତରେ ସୀମିତ ରଖାଯାଇଛି **। V/O**

ବିଶ୍ୱ ସହଭାଗିତା, ଦକ୍ଷ ମାନବ ସମ୍ବଳ ଏବଂ ଦୃଢ଼ନୀତିଗତ ନିଷ୍ପତ୍ତି ଆଧାରରେ ଭାରତ ବିଶ୍ୱସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ପାଦ ଏବଂ ରପ୍ତାନୀ ଅର୍ଥନୀତି ଭାବେ ଉଭା ହୋଇଛି ।

---

# ଫଗ-ଟ୍ରେନ୍ ଆଣ୍ଡ୍ ଫ୍ଲାଇଟ୍

ଉତ୍ତର ଭାରତରେ ପ୍ରବଳ କୁହୁଡ଼ି ଯୋଗୁଁ ରେଳ ଚଳାଚଳ ଏବଂ ବିମାନ ଉଡ଼ାଣ ବାଧାପ୍ରାପ୍ତ ହୋଇଛି । ରେଳବାଇର ଦିଲ୍ଲୀ ଡିଭିଜନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଦିଲ୍ଲୀରୁ ବାହାରୁଥିବା ୫୦ରୁ ଅଧିକ ଟ୍ରେନ୍ ବିଳମ୍ବରେ ଯାତ୍ରା କରୁଛି । ଖରାପ ପାଗ ଯୋଗୁଁ ବିମାନ ଉଡ଼ାଣ ମଧ୍ୟ ବାଧାପ୍ରାପ୍ତ ହୋଇଛି । ଦିଲ୍ଲୀ ବିମାନ ବନ୍ଦରରୁ ମିଳିଥିବା ସୂଚନା

ମୁତାବକ କୁହୁଡ଼ିଆ ପାଗ ଏବଂ କମ୍ ଦୃଶ୍ୟମାନ ସ୍ଥିତି ଯୋଗୁଁ ୧୪୮ଟି ବିମାନ ଉଡ଼ାଣ ବାତିଲ କରାଯାଇଛି । ଏଥିରେ ଦିଲ୍ଲୀକୁ ଆସିବାକୁ ଥିବା ୭୮ଟି ବିମାନ ଏବଂ ଦିଲ୍ଲୀରୁ ଉଡ଼ାଣ କରିବାକୁ ଥିବା ୭୦ଟି ବିମାନ ରହିଛି ।

କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ବିମାନ କମ୍ପାନୀଗୁଡ଼ିକୁ ସୁରକ୍ଷା ସମ୍ବନ୍ଧୀୟ ସମସ୍ତ ନିୟମ ପାଳନ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ଏହାଛଡ଼ା ଯାତ୍ରୀମାନଙ୍କୁ ଠିକ୍ ସମୟରେ ସୂଚନା ପ୍ରଦାନ କରିବା ଓ ସହାୟତା ଦେବା ଲାଗି ମନ୍ତ୍ରଣାଳୟ କହିଛି । ଯାତ୍ରୀମାନଙ୍କ ନିରାପତ୍ତାକୁ ଅଗ୍ରାଧିକାର ଦିଆଯାଉଥିବା ମନ୍ତ୍ରଣାଳୟ ସୂଚନା ଦେଇଛି । ଯାତ୍ରୀମାନେ ବିଳମ୍ବ ଜନିତ ତ୍ରୁଟି ଏଡ଼ାଇବା ଲାଗି ବହୁ ପୂର୍ବରୁ ବିମାନ ବନ୍ଦରରେ ପହଞ୍ଚିବାକୁ ପରାମର୍ଶ ଦିଆଯାଇଛି ।

---

## ପଞ୍ଜାବ-ପାର୍ଲାମେଣ୍ଟାରୀ ଡେଲିଗେସନ

ପଞ୍ଜାବରେ ଶିଳ୍ପ ବିକାଶ କ୍ଷେତ୍ରରେ ଦେଖାଦେଇଥିବା ପ୍ରତିବନ୍ଧକ ସଂପର୍କରେ ତଥ୍ୟ ହାସଲ କରିବା ଲାଗି ଗଠିତ ସଂସଦୀୟ  କମିଟି ଗତକାଲି ଅମ୍ରିତସର ଗସ୍ତ କରିଥିଲେ । କମିଟିର ଅଧ୍ୟକ୍ଷ ରାଜ୍ୟସଭା ସାଂସଦ ତିରୁଚି ଶିବା ସେଠାକାର ଶିଳ୍ପର ପ୍ରସାର କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟାଗୁଡ଼ିକ ସଂପର୍କରେ ଅବଗତ ହେବା ସହ ବିଭିନ୍ନ ଶିଳ୍ପପତିଙ୍କ ସହ ଆଲୋଚନା କରିଥିଲେ । ସେମାନଙ୍କଠାରୁ ମିଳିଥିବା ପ୍ରସ୍ତାବକୁ ରିପୋର୍ଟରେ ସାମିଲ କରାଯିବ ବୋଲି ସାଂସଦ ତିରୁଚି ଶିବା କହିଥିଲେ । ଆଗାମୀ ଦିନରେ ପଞ୍ଜାବରେ ଶିଳ୍ପର ବ୍ୟାପକ ବିକାଶ କରାଯାଇ କର୍ମନିଯୁକ୍ତି ସୃଷ୍ଟି କରାଯିବ ବୋଲି ସେ କହିଛନ୍ତି । ପଞ୍ଜାବ ସରକାର ଶିଳ୍ପର ବିକାଶ ଲାଗି ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଉଥିବା ପଞ୍ଜାବର ଶିଳ୍ପ ଓ

ବାଣିଜ୍ୟ ବିଭାଗ ପ୍ରମୁଖ ସଚିବ କେ.କେ. ଯାଦବ ପ୍ରତିନିଧି ଦଳଙ୍କୁ ସୂଚନା ଦେଇଛନ୍ତି ।

## ୟୁଏନ୍ ଏଡ୍-୨୦୨୬

ଜାତିସଂଘ ପକ୍ଷରୁ ଆସନ୍ତାବର୍ଷ ଆଫଗାନିସ୍ତାନ ପାଇଁ ୧ ଦଶମିକ ୭/୧ ଆମେରିକୀୟ ଡଲାରର ମାନବୀୟ ସହାୟତା ଯୋଗାଇ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି । ଆଫଗାନିସ୍ତାନ ଅତ୍ୟନ୍ତ ମାନବୀୟ ସଂକଟ ଦେଇ ଗତି କରୁଛି । ସେଠାକାର  ପ୍ରାୟ ୨ କୋଟି ଲୋକ ସହାୟତା ଆବଶ୍ୟକ କରୁଥିବା ବେଳେ ପ୍ରାୟ ୧ କୋଟି ୭୦ଲକ୍ଷ ଲୋକ ଖାଦ୍ୟାଭାବ ଏବଂ ୪୦ ଲକ୍ଷ ୭୦ ହଜାର ଲୋକ ଜରୁରୀକାଳୀନ ପରିସ୍ଥିତିର ସାମ୍ନା କରୁଛନ୍ତି ।

ଏହି ସହାୟତା ଯୋଜନାରେ ଲୋକମାନଙ୍କୁ  ସ୍ୱାସ୍ଥ୍ୟସେବା, ଆଶ୍ରୟ, ପାନୀୟ ଜଳ, ପୁଷ୍ଟିକର ଖାଦ୍ୟ ଏବଂ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ।

ସୂଚନାଯୋଗ୍ୟ, ଆଫଗାନିସ୍ତାନରେ ଅନିୟମିତ ଜଳବାୟୁ ପ୍ରଭାବ ଯୋଗୁଁ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେବା ଫଳରେ ବିଭିନ୍ନ ପ୍ରକାରର ରୋଗରେ ଲୋକମାନେ ପୀଡ଼ିତ ହେଉଛନ୍ତି । ସେହି ସମୟରେ ବହୁସଂଖ୍ୟାରେ ରିଫ୍ୟୁଜିମାନେ ସେଠାକୁ ପ୍ରତ୍ୟାବର୍ତ୍ତନ କରୁଥିବା ସମସ୍ୟା ସୃଷ୍ଟି କରିଛି ।